# ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତାଙ୍କ ୨ ଦିନିଆ ଅନୁଗୋଳ ଗସ୍ତ ।

## ଅନୁଗୋଳ ଓ ଢେଙ୍କାନାଳରେ ପ୍ରତିଷ୍ଠା ହେବ ନୂତନ ଏମ୍ ଏସ୍ ଏମ୍ ଇ ପାର୍କ ।

ଅନୁଗୋଳ, ତା.୧୦.୧୧:- ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଶିଳ୍ପ ଅନୁଷ୍ଠାନ ଗୁଡିକର କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ନିମନ୍ତେ ସରକାରଂକ ବିଭିନ୍ନ ବିଭାଗ ଓ ଶିଳ୍ପ ଅନୁଷ୍ଠାନ ସହ ଆଲୋଚନା କରି ଏକ ଲୋକାଭିମୁଖୀ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯିବ ବୋଲି ଆଜି ନାଲ୍କୋ ପ୍ରଶିକ୍ଷଣ ଗୃହରେ ୨ ଦିନିଆ ଇଣ୍ଡଷ୍ଟ୍ରି କେୟାର କର୍ମଶାଳା ରେ ମାନ୍ୟବର ମୁଖ୍ୟମନ୍ତ୍ରୀଂକର ମୁଖ୍ୟ ପରାମର୍ଶଦାତା ଶ୍ରୀ ଅସିତ୍ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି । କର୍ମଶାଳାରେ ଯୋଗଦାନ ଦେଇଥିବା ୪୨ଟି ବୃହତ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାଂକ ସହ ଆଲୋଚନା କରି ଶିଳ୍ପ ଅନୁଷ୍ଠାନମାନେ ତ୍ୱରାନ୍ୱିତ ଭାବରେ ଚାଲିବା ନିମନ୍ତେ ଆବଶ୍ୟକ କଞ୍ଚାମାଲ,ଭିତ୍ତିଭୂମୀ,ପ୍ରଦୁଷଣ ପ୍ରମାଣ ପତ୍ର ,ରାସ୍ତା ସଂଯୋଗ,ପାଚେରୀ,ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ, ରେଳ ସଂଯୋଗୀକରଣ,ପାନୀୟ ଜଳ ଯୋଗାଣ, ବିସ୍ଥାପିତମାନଂକୁ କ୍ଷତିପୂରଣ ଓ ଆନୁସଂଗୀକ ସମସ୍ୟା ର ସମାଧାନ ନିମନ୍ତେ ବିଶଦ ଆଲୋଚନା ହୋଇଥିଲା । ମହାନଦୀ କୋଇଲା ଖଣି ସହ ଆଉ ୧୨ ଗୋଟି ବେସରକାରୀ ଶିଳ୍ପ ଅନୁଷ୍ଠାନ ଅନୁଗୋଳ ଜିଲ୍ଲାରେ ଖୁବ୍ ଶିଘ୍ର କୋଇଲା ଉତ୍ତୋଳନ ଆରମ୍ଭ କରିବେ । ଏହି ଖଣି ଅନୁଷ୍ଠାନମାନେ କିପରି ସୁବିଧାରେ ଆନୁସଂଗୀକ ସହାୟତା ପାଇପାରିବେ ସେ ଦିଗରେ ଆଲୋଚନା ହୋଇଥିଲା । ଓଡିଶାରେ କୃଷି ବ୍ୟବସାୟ ବୃଦ୍ଧି କରିବାକୁ ହେଲେ ଶିଳ୍ପ ଅନୁଷ୍ଠାନମାନଂକର ସହଯୋଗ ଓ ସହଭାଗିତା ନିତ୍ୟାନ୍ତ ଆବଶ୍ୟକ ବୋଲି ମୁଖ୍ୟ ପରାମର୍ଶଦାତା ପ୍ରକାଶ କରିଥିଲେ । ନୂଆ ଶିଳ୍ପ ଅନୁଷ୍ଠାନମାନଂକରେ କିପରି ଦକ୍ଷ ଶ୍ରମିକ ମାନେ ନିୟୋଜିତ ହୋଇପାରିବେ ସେ ଦିଗରେ ମିଳିତ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଂକୁ ଅଧିକା ସୁବିଧା ସୁଯୋଗ ଦେବା ନିମନ୍ତେ ଖୁବ୍ ଶିଘ୍ର ପ୍ରତିଷ୍ଠା ହେବ ନୂଆ ଏମ୍ ଏସ୍ ଏମ୍ ଇ ପାର୍କ । ଏହାଛଡା ବର୍ତ୍ତମାନ ୧୦୦ କୋଟି ଟଂକା ବିନିମୟରେ ଢେଙ୍କାନାଳ ଠାରେ ଇଡ୍କୋ ପାର୍କର ନିର୍ମାଣ କାର୍ଯ୍ୟ ଚାଲୁ ରହିଅଛି । ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ରାହ୍ମଣୀ ନଦୀରେ ପ୍ରତିଷ୍ଠା ହେବ ଇନଷ୍ଟ୍ରିମ୍ ଷ୍ଟୋରେଜ ପ୍ରକଳ୍ପ । ବିଭିନ୍ନ ଶିଳ୍ପ ସଂସ୍ଥାରୁ ନିର୍ଗତ ହେଉଥିବା ପାଉଁଶଗୁଡିକୁ କୋଇଲା ଉତ୍ତୋଳନ ପରେ ସୃଷ୍ଟି ହେଉଥିବା ଗର୍ତ୍ତମାନଂକରେ ବାଲି ସହ ପକାଇବାକୁ ପରାମର୍ଶ ଦେଇଛନ୍ତି । ଏହି କର୍ମଶାଳାରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଯୋଗ ଦେଇ ଶିଳ୍ପ ଓ ଉଦ୍ୟୋଗ ସମ୍ପର୍କୀତ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ବିଭାଗୀୟ ଅଧିକାରୀମାନେ ସମ୍ମିଳିତ ଭାବେ ସରକାରଂକ ଲୋକାଭିମୁଖୀ ଯୋଜନାଗୁଡ଼ିକୁ

ଲୋକମାନଂକ ଆବଶ୍ୟକତା ଅନୁସାରେ ପହଂଚାଇବା ପାଇଁ ସେ ପରାମର୍ଶ ଦେଇଥିଲେ । ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶିଳ୍ପ ଅନୁଷ୍ଠାନଗୁଡିକରେ ସୃଷ୍ଟି ହେଉଥିବା ସମସ୍ୟାଗୁଡିକୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଂକ ଦୃଷ୍ଟିକୁ ଆଣି ସେଗୁଡିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟ ପରାମର୍ଶଦାତା ପ୍ରଶଂସା କରି କହିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଂକୁ ସ୍ୱାଗତ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସେଠୀ ଯୋଗ ଦେଇ ଢେଙ୍କାନାଳ ସ୍ଥିତ ଶିଳ୍ପ ଅନୁଷ୍ଠାନ ଗୁଡିକର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ମତାମତ ଦେଇଥିଲେ । ଏହାଛଡା ଏହି କର୍ମଶାଳାରେ ଇପିକୋଲ ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୂପିନ୍ଦର ସିଂ ପୁନିଆ , ନାଲ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପାତ୍ର, ଶିଳ୍ପ ବିଭାଗର ନିର୍ଦ୍ଦେଶକ ସାଦିକ ଅଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍ , ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଶିଳ୍ପ ସଂସ୍ଥାଗୁଡିକର କର୍ମକର୍ତ୍ତା ଯୋଗ ଦେଇଥିଲେ । ଆସନ୍ତାକାଲି ୧୫୦ଗୋଟି ଏମ୍ ଏସ୍ ଏମ୍ ଇ ୟୁନିଟ୍ ଏହି କର୍ମଶାଳାରେ ଭାଗ ନେବେ ।






ODISHA
NEW OPPORTUNITIES
INDUSTRY
CARE
for Industries in
Angul &
Dhenkanal Districts
10 - 11 November 2021